# REGIONAL NEWS UNIT, AIR CUTTACK
## Morning Bulletin (10.10 AM)
### 15th August - 2024
### News Editor : *Itishree Singh Rathaur*
**********************************

***Desk***

## ସ୍ୱାଧୀନତା ଦିବସ - ପ୍ରଧାନମନ୍ତ୍ରୀ

ଦେଶ ଆଜି ୭୮ତମ ସ୍ୱାଧୀନତା ଦିବସ ପାଳନ କରୁଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିଲ୍ଲୀର ଐତିହାସିକ ଲାଲ୍‌କିଲ୍ଲାର ପ୍ରାଚୀରରୁ ଜାତୀୟ ପତାକା ଉତ୍ତୋଳନ କରିବା ସହ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ଆଗାମୀ ୨୦୪୭ ମସିହା ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏଥିରେ ୧୪୦ କୋଟି ଭାରତୀୟଙ୍କ ସ୍ୱପ୍ନ ପ୍ରତିଫଳିତ ହେଉଛି । ପ୍ରଧାନମନ୍ତ୍ରୀ କହିଛନ୍ତି, ରାଷ୍ଟ୍ର ସୁରକ୍ଷା ଓ ରାଷ୍ଟ୍ର ନିର୍ମାଣ ପାଇଁ କୃଷକ, ସୈନିକ, ଯୁବପିଢ଼ି ଏବଂ ମହିଳାଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି । ମହିଳାମାନେ ଆତ୍ମନିର୍ଭରଶୀଳ ହେବା' ନୂଆ କ୍ରାନ୍ତି ସୃଷ୍ଟି କରିଛି । ଭୋକାଲ୍ ଫର୍ ଲୋକାଲ୍ ଅର୍ଥତନ୍ତ୍ରର ନୂଆ ମନ୍ତ୍ର ପାଲଟିଛି । ଦେଶ ଆଜି ସ୍ୱାଧୀନତା ସଂଗ୍ରାମୀମାନଙ୍କ ପାଖରେ ଋଣୀ ବୋଲି ପ୍ରଧାନମନ୍ତ୍ରୀ ତାଙ୍କର ଅଭିଭାଷଣରେ କହିଛନ୍ତି । ପ୍ରତ୍ୟେକ କ୍ଷେତ୍ରରେ ଆଧୁନିକତା ଓ ନୂତନତ୍ୱର ଆବଶ୍ୟକତା ରହିଛି । ପ୍ରାକୃତିକ ବିପର୍ଯ୍ୟୟପାଇଁ

ଦେଶକୁ ଅନେକ କ୍ଷତି ସହିବାକୁ ପଡ଼ିଛି । ଏହି ବିପତ୍ତି ସମୟରେ ସମସ୍ତେ ଏକଜୁଟ୍ ହୋଇଛନ୍ତି ବୋଲି ଶ୍ରୀ ମୋଦି କହିଛନ୍ତି ।

ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡ୍ ଅଭିବାଦନ ଗ୍ରହଣ କରିଛନ୍ତି । ଜିଲ୍ଲା ସଦର ମହକୁମାରେ ମନ୍ତ୍ରୀ, ରାଜସ୍ୱ କମିଶନର ଏବଂ ଜିଲ୍ଲାପାଳମାନେ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ପ୍ୟାରେଡ୍ ଅଭିବାଦନ ଗ୍ରହଣ କରିଥିବା ସମ୍ବାଦ ଆମର ହସ୍ତଗତ ହୋଇଛି ।

***Desk***

## ରାଷ୍ଟ୍ରପତି ଅଭିଭାଷଣ

ନୂତନ ନ୍ୟାୟ ସଂହିତାର ପ୍ରବର୍ତ୍ତନ ଓ ଫୌଜଦାରୀ ଆଇନର କାର୍ଯ୍ୟକାରିତା ଦେଶର ସ୍ୱାଧୀନତା ସଂଗ୍ରାମୀମାନଙ୍କପାଇଁ ଏକ ଯଥାର୍ଥ ଶ୍ରଦ୍ଧାଞ୍ଜଳି ବୋଲି ସ୍ୱାଧୀନତା ଦିବସ ପାଳନର ଅବ୍ୟବହିତ ପୂର୍ବରୁ ଗତକାଲି ସନ୍ଧ୍ୟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ସମ୍ବୋଧିତ କରି କହିଛନ୍ତି ।  ରାଷ୍ଟ୍ରପତି କହିଛନ୍ତି, ଇଂରେଜ ଶାସନକାଳରେ ପ୍ରଚଳିତ ଫୌଜଦାରୀ ଆଇନକୁ ପରିବର୍ତ୍ତନ କରାଯାଇ ନୂତନ ନ୍ୟାୟ ସଂହିତା ଲାଗୁ କରାଯାଇଛି । ଏହି ଆଇନ ସମାବେଶୀ, ଭେଦଭାବରହିତ ଓ ସାର୍ବଜନୀନ ବୋଲି ସେ କହିଛନ୍ତି । ରାଷ୍ଟ୍ରପତି କହିଛନ୍ତି, ନ୍ୟାୟ ଶବ୍ଦ ବ୍ୟାପକ ଅର୍ଥରେ ବ୍ୟବହାର କରାଯାଏ । ନାରୀ ପୁରୁଷଙ୍କ ଭିତରେ ନ୍ୟାୟଗତ ସମାନତା ଓ

ଜଳବାୟୁଜନିତ ନ୍ୟାୟ ବେଶ୍ ଗୁରୁତ୍ୱ ବହନ କରେ । କେନ୍ଦ୍ର ସରକାର ମହିଳା ସଶକ୍ତୀକରଣ ପାଇଁ ନାରୀଶକ୍ତି ବନ୍ଦନ ଅଭିଯାନ ପ୍ରଣୟନ କରିଛନ୍ତି । ସେହିଭଳି ଜଳବାୟୁ ପରିବର୍ତ୍ତନ ଏବେ ବାସ୍ତବତାରେ ପରିବର୍ତ୍ତନ ହୋଇଛି । ବିଶ୍ୱ ତାପାୟନ ପ୍ରଭାବରେ ପୃଥିବୀକୁ ରକ୍ଷା କରିବାପାଇଁ ଭାରତର ନେତୃତ୍ୱକୁ ବିଶ୍ୱସ୍ତରରେ ପ୍ରଶଂସା କରାଯାଉଛି ବୋଲି ସେ କହିଛନ୍ତି । ଶ୍ରୀମତୀ ମୁର୍ମୁ କହିଛନ୍ତି, ଦେଶକୁ ଖୁବ୍ ଶୀଘ୍ର ତୃତୀୟ ବୃହତ୍ ଅର୍ଥନୀତିରେ ପରିଣତ କରିବାପାଇଁ ପ୍ରୟାସ ଜାରି ରହିଛି । ଏହା କୃଷକ, ଶ୍ରମିକମାନଙ୍କ ଅକ୍ଳାନ୍ତ ପରିଶ୍ରମ, ନୀତିନିର୍ମାତା ଓ ଉଦ୍ୟୋଗୀମାନଙ୍କର ଦୂରଦୃଷ୍ଟି ତଥା ଦକ୍ଷ ନେତୃତ୍ୱଦ୍ୱାରା ସମ୍ଭବ ହୋଇପାରିଛି ବୋଲି ରାଷ୍ଟ୍ରପତି କହିଛନ୍ତି ।

***Desk***

# ବିଧାୟକ ପ୍ରଶିକ୍ଷଣ

ରାଜ୍ୟରେ ନବନିର୍ବାଚିତ ବିଧାୟକଙ୍କପାଇଁ ଆସନ୍ତା ଶନିବାରଠାରୁ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ । କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଏଥିରେ ଯୋଗ ଦେବେ ବୋଲି ଜଣାପଡ଼ିଛି ।

***Desk***

# ସୁଭଦ୍ରା ଯୋଜନା - ପରାମର୍ଶ ବୈଠକ

କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ଗୃହରେ ସୁଭଦ୍ରା ଯେଜାନା ସମ୍ପର୍କରେ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ସୁଭଦ୍ରା ଯୋଜନାରେ ଯୋଗ୍ୟ ହିତାଧିକାରୀମାନଙ୍କୁ ଚିହ୍ନଟ କରିବାପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି ।

***Desk***

# ଡେଙ୍ଗୁ

ରାଜ୍ୟରେ ଗତକାଲି ଆଉ ୬୨ ଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧ ହଜାର ୮୬୪ରେ ପହଞ୍ଚିଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି, ଡେଙ୍ଗୁର ମୁକାବିଲାପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି । ଏଥିପାଇଁ ତୃଣମୂଳ ସ୍ତରରୁ ସଚେତନତା ସୃଷ୍ଟି କରାଯାଉଛି ।

ଅନ୍ୟପକ୍ଷରେ ଭାରତରେ ଡେଙ୍ଗୁ ଟିକା ତିଆରି ପାଇଁ ତୃତୀୟ ପର୍ଯ୍ୟାୟ କ୍ଲିନିକାଲ୍ ଟ୍ରାଏଲ୍ ଆରମ୍ଭ ହୋଇଛି । ଆଇ.ସି.ଏମ୍.ଆର୍. ଏବଂ ପେନ୍‌ସିଆ ବାୟୋଟେକ୍ ମିଳିତ ଭାବେ ଏହା ଉପରେ କାର୍ଯ୍ୟ କରୁଛନ୍ତି । ଏହି ସ୍ୱଦେଶୀ ଡେଙ୍ଗୁ ଟିକାକୁ 'ଡେଙ୍ଗିଆଲ୍' ନାମରେ ନାମିତ କରାଯାଇଛି । କେନ୍ଦ୍ର

ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ତି, ଭାରତରେ ପ୍ରସ୍ତୁତ ଏହି ସ୍ୱଦେଶୀ ଟିକାର ତୃତୀୟ ପର୍ଯ୍ୟାୟ ପରୀକ୍ଷଣ ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ପରୀକ୍ଷା ୧୮ଟି ରାଜ୍ୟର ୧୯ଟି ସ୍ଥାନରେ କରାଯିବ । ୧୦ ହଜାରରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀଙ୍କ ଉପରେ ଏହି ପରୀକ୍ଷଣ କରାଯିବ ବୋଲି ଜଣାପଡ଼ିଛି ।

***Desk***

# ୟୁ.ଜି.ସି. - ନୀଟ୍

ଜାତୀୟ ପରୀକ୍ଷଣ ସଂସ୍ଥା - ଏନ୍.ଟି.ଏ. ଦ୍ୱାରା ପରିଚାଳିତ ୟୁ.ଜି.ସି. - ନେଟ୍ ପରୀକ୍ଷା କାର୍ଯ୍ୟସୂଚୀରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି । ଆସନ୍ତା ୨୬ ତାରିଖରେ ହେବାକୁ ଥିବା ପରୀକ୍ଷାକୁ  ୨୭ ତାରିଖକୁ ଘୁଞ୍ଚା ଯାଇଛି । ୨୬ ତାରିଖ ଦିନ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପଡୁଥିବାରୁ ଏହାକୁ ପରିବର୍ତ୍ତନ କରାଯାଇଛି ବୋଲି ଏନ.ଟି.ଏ. ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି । ଅନ୍ୟ ସମସ୍ତ ପରୀକ୍ଷା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ ।

***Desk***

# ପାଣିପାଗ

ବାଂଲାଦେଶ ଉପରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ସମ୍ଭାବନା ରହିଛି । ଉତ୍ତର ଓଡ଼ିଶା ଓ ଏହାର ପାର୍ଶ୍ୱବର୍ତ୍ତୀ

ଅଞ୍ଚଳରେ ବର୍ଷା ହେବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଦେବଗଡ଼, ସମ୍ବଲପୁର ଓ ଝାରସୁଗୁଡ଼ାର କେତେକ ସ୍ଥାନରେ ବର୍ଷାର ପ୍ରଭାବ ଅଧିକ ରହିବ ବୋଲି ଜଣାପଡ଼ିଛି ।

*****